# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**13 January – 2026**

# ପିଏମ୍-ୟୁଥ୍ ଲିଡର୍ସ

ଦେଶରେ ସୃଜନଶୀଳ ଓ ପ୍ରଯୁକ୍ତିବିଦ୍ୟା ଆଧାରିତ କ୍ଷେତ୍ରଗୁଡ଼ିକରେ ଦ୍ରୁତ ଅଭିବୃଦ୍ଧି ପରିଲକ୍ଷିତ ହେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀରେ ଗତକାଲି ବିକଶିତ ଭାରତ ଯୁବନେତୃତ୍ୱ ବାର୍ତ୍ତାଳାପର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ଶ୍ରୀ ମୋଦୀ କହିଛନ୍ତି, ଡିଜିଟାଲ ଇଣ୍ଡିଆ ଷ୍ଟାର୍ଟଅପ୍ ଅଭିଯାନ ଏବଂ ଯୁବଗୋଷ୍ଠୀଙ୍କ ଅଂଶ ଗ୍ରହଣ ଦ୍ୱାରା ଏହା ସମ୍ଭବ ହୋଇପାରୁଛି ।

**V/O**

ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଗତ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି ।

# ବାଲ୍ୟବିବାହ

ରାଜ୍ୟସ୍ତରୀୟ ୧୦୦ ଦିନିଆ ବାଲ୍ୟବିବାହ ମୁକ୍ତ ଅଭିଯାନ ଆଜିଠାରୁ ଆରମ୍ଭ କରାଯିବ । ବିବାହିତାଙ୍କୁ ସହଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଜିଠାରୁ ମଧ୍ୟ ସରକାରଙ୍କର ଆକାଂକ୍ଷୀ ଅଭିଯାନ 'ଆମେ ପଢ଼ିବା ଆମ ଭାଷାରେ' ଆରମ୍ଭ କରାଯିବ । ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଲୋକସେବା ଭବନର ସମ୍ମିଳନୀ

କକ୍ଷଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି ।

## ବନ୍ଦେ ମାତରମ୍

ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଏବଂ ଜାତୀୟ ଯୁବ ଦିବସ ଅବସରରେ ଗତକାଲି ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଜାତୀୟ ଗୀତ ବନ୍ଦେ ମାତରମ୍‌ର ସାମୂହିକ ଗାନ କରାଯାଇଛି । ଏଥିରେ ରାଜ୍ୟର ୧୬ ହଜାରରୁ ଅଧିକ ଶିକ୍ଷାନୁଷ୍ଠାନର ୨୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

## ଆଇନମନ୍ତ୍ରୀ-ସମୀକ୍ଷା

ସଡ଼କ ଓ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଗୁଣବତ୍ତା ସଂପନ୍ନ ସାମଗ୍ରୀ ବ୍ୟବହାର ତଥା ସମୟୋଚିତ କାର୍ଯ୍ୟସଂପନ୍ନ ଉପରେ ପୂର୍ତ୍ତ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁତ୍ୱାରୋପ କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଗତକାଲି ଅନୁଷ୍ଠିତ ଏକ ବୈଠକରେ ନିର୍ମାଣ କ୍ଷେତ୍ରରେ ବ୍ୟବହାର ହେଉଥିବା ସାମଗ୍ରୀ ଏବଂ କାର୍ଯ୍ୟାନ୍ୱୟନ ନେଇ ଶ୍ରୀ ହରିଚନ୍ଦନ ସମୀକ୍ଷା କରିଛନ୍ତି । ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।

# ପଲ୍ଲୀଶ୍ରୀ ମେଳା

କେନ୍ଦ୍ରାପଡ଼ା ଜିଲ୍ଲା ମହୋତ୍ସବ, ପଲ୍ଲୀଶ୍ରୀ ମେଳା ଓ ଆତ୍ମନିର୍ଭର ସ୍ୱଦେଶୀମେଳା ଗତ କାଲିଠାରୁ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆରମ୍ଭ ହୋଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି । ପଲ୍ଲୀଶ୍ରୀ ମେଳାରେ ପ୍ରାୟ ଦେଢ଼ଶହଟି ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଛି ।

---

# ଉନ୍ନୟନ କମିଶନର

ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂ ଗତକାଲି ନୂଆପଡ଼ା ଜିଲ୍ଲା ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଘୋଷିତ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି । ଜିଲ୍ଲାସ୍ତରୀୟ ବିଭାଗ ଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।

---

# ମତଦାତା ଦିବସ

ଆସନ୍ତା ୨୫ ତାରିଖ ଜାତୀୟ ମତଦାତା ଦିବସ ପାଳନ ପରିପ୍ରେକ୍ଷୀରେ ରାଜ୍ୟର ଯୁବପିଢ଼ିଙ୍କ ମଧ୍ୟରେ ଭୋଟ୍‌ଦାନର ମହତ୍ତ୍ୱକୁ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଏକ ସଚେତନତା ପ୍ରତିଯୋଗିତା ଆରମ୍ଭ କରାଯାଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ "ମତଦାନ ଭଳି କିଛି ନାହିଁ-ମୁଁ

ନିଶ୍ଚିତ ଭୋଟ୍ ଦେଉଛି” ଶୀର୍ଷକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାର ଆବେଦନ ପ୍ରକ୍ରିୟାକୁ ଆସନ୍ତା୧୫ ତାରିଖକୁ ଧାର୍ଯ୍ୟ କରାଯାଇଛି । ୨୦୦୬ ଜାନୁଆରୀ ପହିଲାରୁ ୨୦୧୦ଜାନୁଆରୀ ୨୫ ତାରିଖ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଯୁବକ ଯୁବତୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ ବୋଲି ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି ।

# ଚିକିତ୍ସାଳୟ ପରିଦର୍ଶନ

ଗଞ୍ଜାମ ଜିଲ୍ଲା ଛତ୍ରପୁର ସରକାରୀ ଉପଖଣ୍ଡ ଚିକିତ୍ସାଳୟକୁ ଗତକାଲି ରାଜ୍ୟର ୩ ଜଣିଆ କାୟାକଳ୍ପ ନିରୀକ୍ଷଣ ଟିମ୍ ପରିଦର୍ଶନ କରିଛନ୍ତି । ଚିକିତ୍ସାଳୟର ଭିତ୍ତିଭୂମି ତଦାରଖ କରି କର୍ମଚାରୀଙ୍କ ସହିତ ଆଲୋଚନା କରିଛନ୍ତି । ଚିକିତ୍ସାଳୟର ପରିଷ୍କାର ପରିଚ୍ଛନ୍ନତା ଓ ସେବା ପ୍ରଦାନ ସଂପର୍କରେ ପଚାରି ବୁଝିଥିଲେ ।

# ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତିକାନ୍ତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ମକର ସଂକ୍ରାନ୍ତି ଅବସରରେ ଶ୍ରୀଜୀଉଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ । ତେବେ ଆଜି ଠାକୁରଙ୍କର ନବାଙ୍କ ବେଶ ସହିତ ଚାଉଳ ମେଲାଣ ଓ ଫୁଲ ମେଲାଣ ଉତ୍ସବ ଅନୁଷ୍ଠିତ ହେବ । ସନ୍ଧ୍ୟା ଆଳତୀ ପରେ ଠାକୁରଙ୍କୁ ଖୁଣ୍ଟିଆ ଓ ପୁଷ୍ପାଳକ ସେବକ ଏହି ବେଶରେ ସଜ୍ଜିତ କରିବେ । ଗତ ଧନୁସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଆଜି ଶେଷ ହେଉଛି ।

# ଧାନମଣ୍ଡି

ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକସ୍ଥିତ କାଶୀପୁର ପ୍ରାଥମିକ ସମବାୟ ସମିତି ଦ୍ୱାରା ଗତକାଲି ଜିଲ୍ଲାସ୍ତରୀ ଧାନମଣ୍ଡି ଶୁଭାରମ୍ଭ ହୋଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାର ଉଦ୍‌ଘାଟନ କରିଛନ୍ତି । ଜିଲ୍ଲାର ୫୬ ହଜାର ୧୧୨ ଜଣ ପଞ୍ଜୀକୃତ ଚାଷୀଙ୍କଠାରୁ ୧୧୪ଟି ଧାନକ୍ରୟ କେନ୍ଦ୍ରରେ ଧାନ ସଂଗ୍ରହ କରାଯିବାକୁ ନିଷ୍ପତ୍ତି ହୋଇଛି ।

# ପୋଲିସ୍ ପଦକ

ସେବା, କର୍ତ୍ତବ୍ୟନିଷ୍ଠା ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିବା ପୋଲିସ୍ ଅଧିକାରୀ ଏବଂ କର୍ମଚାରୀଙ୍କୁ ଗତକାଲି ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସମ୍ମାନିତ କରିଛନ୍ତି । କଟକଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ଶ୍ରୀ ଖୁରାନିଆ ୪୬ଜଣ ପୋଲିସ୍ ଅଧିକାରୀ ଓ କର୍ମଚାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ ପଦକ ପ୍ରଦାନ କରିଛନ୍ତି ।

# ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଯୁବମୋର୍ଚ୍ଚା ପରିଷଦ ପକ୍ଷରୁ ସ୍ୱଦେଶୀ ବ୍ୟବହାର ଓ ଆତ୍ମନିର୍ଭର ଭାରତ ଅଭିଯାନ ଆଧାରିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗତକାଲି ଏକ ପଦଯାତ୍ରା ଓ

ମଶାଲ ଶୋଭାଯାତ୍ରା ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଛକରୁ ବାହାରି ନୂଆବଜାର ଗାନ୍ଧୀପଡ଼ିଆଠାରେ ପହଞ୍ଚିଥିଲା ।

## ପାଣିପାଗ

ରାଜ୍ୟରେ ଆଜିଠାରୁ ଶୀତ ବୃଦ୍ଧି ପାଇବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି । ଆଗାମୀ  ୩ ଦିନ ପର୍ଯ୍ୟନ୍ତ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟାରେ ୧୦ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀ ସେଲ୍‌ସିୟସ୍ ତଳେ ଥିବା ରେକର୍ଡ କରାଯାଇଛି ।